**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**29th June - 2024**

**News Editor : *Itishree Singh Rathaur***

**********************************

***Desk***

## ମୁଖ୍ୟମନ୍ତ୍ରୀ

ରାଜ୍ୟର ବିକାଶ ଦିଗରେ କେନ୍ଦ୍ର ସରକାରଙ୍କ ସହଯୋଗ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ । ଏକ ନୂଆ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଏହା ସହାୟକ ହେବ ବୋଲି ଦିଲ୍ଲୀଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।  ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧ ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସହ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ଗତକାଲି ବାଚସ୍ପତି ଓମ୍ ବିର୍ଲାଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀମାନଙ୍କୁ ସାକ୍ଷାତ୍ କରିଛନ୍ତି ।

***Desk***

## ଶିଳ୍ପ ବିକାଶ

ରାଜ୍ୟରେ ଶିଳ୍ପ ବିକାଶକୁ ଗୁରୁତ୍ୱ ଦେଇ ଆଗାମୀ ଦିନରେ ୨ ଲକ୍ଷ ୫୦ ହଜାର କୋଟି ଟଙ୍କା ନିବେଶ କରାଯିବ । ଭାରତୀୟ ଶିଳ୍ପ ମହାସଂଘ ପକ୍ଷରୁ ଆୟୋଜିତ ବୈଠକରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାର ନିଯୁକ୍ତି, ଦକ୍ଷତା ବିକାଶ ଏବଂ ପୁଞ୍ଜିନିବେଶକୁ ପ୍ରାଧାନ୍ୟ ଦେଉଛନ୍ତି । ଆଗାମୀ ଦିନରେ ଉତ୍କଳ ନିବେଶ ସମ୍ମିଳନୀ ଆୟୋଜନ କରାଯାଇ ରାଜ୍ୟରେ ଶିଳ୍ପାଞ୍ଚଳ ବିକାଶ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

***Desk***

# ଘରୋଇ ହସ୍ପିଟାଲ୍ - ତଥ୍ୟ

ରାଜ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଉଥିବା ସମସ୍ତ ଘରୋଇ ହସ୍ପିଟାଲ ଏଣିକି ରୋଗୀ, ରୋଗ ଓ ଚିକିତ୍ସା ସମ୍ପର୍କରେ ସମସ୍ତ ତଥ୍ୟ ଦେବାକୁ ବାଧ୍ୟତାମୂଳକ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘରୋଇ ହସ୍ପିଟାଲ୍‌ଗୁଡ଼ିକୁ ସଚେତନ କରାଯାଇଛି । ପୂର୍ବରୁ ବିଭିନ୍ନ ସମୟରେ ରୋଗୀମାନଙ୍କ ସମ୍ପର୍କିତ ତଥ୍ୟ ଦେବାପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲେ ମଧ୍ୟ ଅନେକ ଘରୋଇ ହସ୍ପିଟାଲ୍ ଏଥିରେ ଅବହେଳା କରୁଥିବା ଅଭିଯୋଗ ହେଉଥିଲା । ସ୍ୱାସ୍ଥ୍ୟ ବିଭାଗ ପାଖରେ ତଥ୍ୟ ନ ଥିବାରୁ ସଠିକ୍ ଆକଳନ କରିବାରେ ସମସ୍ୟା ସୃଷ୍ଟି ହେଉଛି । ଆଗାମୀ ଦିନରେ ରୋଗୀ ସମ୍ପର୍କିତ ତଥ୍ୟ ବ୍ୟତୀତ ଯାଞ୍ଚ୍ ହୋଇଥିବା ନମୁନା ସମ୍ପର୍କରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବାକୁ କୁହାଯାଇଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ଘରୋଇ ହସ୍ପିଟାଲ୍‌ଗୁଡ଼ିକୁ ପୁଣି ଥରେ ନିର୍ଦ୍ଦେଶନାମା ଜାରି କରାଯିବ ।

*Desk*

# ୟୁ.ଜି.ସି.-ନେଟ୍

ଅନିୟମିତତା ଅଭିଯୋଗରେ ବାତିଲ୍ ହୋଇଥିବା ୟୁ.ଜି.ସି.-ନେଟ୍ ପରୀକ୍ଷା ଆସନ୍ତା ଅଗଷ୍ଟ ୨୪ ତାରିଖରୁ ସେପ୍ଟେମ୍ବର ୪ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ନୂଆ ତାରିଖ ଘୋଷଣା କରାଯାଇଛି । ଚଳିତ ମାସ ୧୮ ତାରିଖରେ ୟୁ.ଜି.ସି.-ନେଟ୍ ପରୀକ୍ଷା ବାତିଲ କରାଯାଇଥିଲା । ତେବେ ପୁଣି ହେବାକୁ ଥିବା ଏହି ପରୀକ୍ଷା ଅଫ୍‌ଲାଇନ୍ ପରିବର୍ତ୍ତେ ଅନ୍‌ଲାଇନ୍‌ରେ ହେବ ।

ସେହିପରି ପୂର୍ବରୁ ବାତିଲ୍ ହୋଇଥିବା ଜାତୀୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା ଆସନ୍ତାମାସ ୧୦ ତାରିଖରେ ଓ ସି.ଏସ୍.ଆଇ.ଆର୍. ୟୁ.ଜି.ସି.-ନେଟ୍ ପରୀକ୍ଷା ଜୁଲାଇ ୨୫ରୁ ୨୭ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ।

*Desk*

# ଶିଶୁ ସୁରକ୍ଷା ଆୟୋଗ

ରାଜ୍ୟରେ ଜାପାନୀ ଜ୍ୱର, ଡିପ୍‌ଥେରିଆ ଓ ଜଣ୍ଡିସ୍ ସଂକ୍ରମଣ ଦେଖାଦେଇଥିବାରୁ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସମସ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୧୪ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦେବା ପାଇଁ ସ୍ୱଚ୍ଛ ପାନୀୟ ଜଳ ଉପରେ ଆୟୋଗ ଗୁରୁତ୍ୱ

ଦେଇଛନ୍ତି । ଅନ୍ୟପକ୍ଷରେ ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀ ଉପରେ କଟକଣା ଜାରି କରିବା ଏବଂ ସଂକ୍ରମଣ ମୁକାବିଲା ଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କିତ ରିପୋର୍ଟ ଦେବାପାଇଁ ଶିଶୁ ସୁରକ୍ଷା ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

# ପୁରୀ - ଶ୍ରେଷ୍ଠ ତୀର୍ଥକ୍ଷେତ୍ର

ପୁରୀ ଶ୍ରୀକ୍ଷେତ୍ରରେ ସ୍ଲଟ୍ ବୁକିଂ ଜରିଆରେ ଦର୍ଶନ ବ୍ୟବସ୍ଥା ସରକାରଙ୍କ ବିଚାରାଧୀନ ରହିଥିବା ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଗତକାଲି ପୁରୀଠାରେ ରଥଯାତ୍ରା ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା ପରେ ଶ୍ରୀ ହରିଚନ୍ଦନ କହିଛନ୍ତି, ଶ୍ରୀକ୍ଷେତ୍ରକୁ ଭାରତବର୍ଷର ସର୍ବଶ୍ରେଷ୍ଠ ତୀର୍ଥକ୍ଷେତ୍ର କରିବା ଲାଗି ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ । ଚଳିତ ବର୍ଷ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ପଡୁଥିବାରୁ ଅଧିକ ସଂଖ୍ୟକ ଯାତ୍ରୀ ପୁରୀ ଯିବାର ସମ୍ଭାବନା ରହିଛି । ସେହିଦୃଷ୍ଟିରୁ ଅସ୍ଥାୟୀ ଗାଡ଼ି ପାର୍କିଂ ସ୍ଥଳଗୁଡ଼ିକରେ ଶୌଚାଳୟ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ସରକାର ଖୁବ୍ ଶୀଘ୍ର ରତ୍ନଭଣ୍ଡାର ଖୋଲିବା ତାରିଖ ଘୋଷଣା କରିବେ ।

*ECOR*

## ରଥଯାତ୍ରା - ସ୍ୱତନ୍ତ୍ର ଟ୍ରେନ

ରଥଯାତ୍ରାପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଆସନ୍ତା ୬ରୁ ୧୯ ତାରିଖ ପର୍ଯ୍ୟନ୍ତ ତୀର୍ଥଯାତ୍ରୀଙ୍କ ପାଇଁ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଏହାବ୍ୟତୀତ ସନ୍ଧ୍ୟାଦର୍ଶନ, ବାହୁଡ଼ାଯାତ୍ରା, ସୁନାବେଶ ଓ ଅଧରପଣା ଉତ୍ସବ ପାଇଁ ମଧ୍ୟ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ପୂର୍ବତଟ ରେଳପଥ ଯୋଜନା କରିଥିବା ଜଣାପଡ଼ିଛି । ପଡ଼ୋଶୀ ରାଜ୍ୟ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସହ ଅତିରିକ୍ତ ମୋବାଇଲ୍ ଟିକେଟ୍ କାଉଣ୍ଟର ଖୋଲିବା ଲାଗି ନିଷ୍ପତ୍ତି ନିଆଯାଇଛି ।

*Met. O.*

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆଜି ଓ ଆସନ୍ତାକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆଜି କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ସେହିପରି ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, ଅନୁଗୁଳ ଓ ଢେଙ୍କାନାଳରେ ମଧ୍ୟ ପ୍ରବଳ ବର୍ଷା ହେବ । ସମ୍ପୃକ୍ତ ଜିଲ୍ଲାଗୁଡ଼ିକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି

କରାଯାଇଛି । ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସେହିସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବାପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ନିର୍ଦ୍ଦେଶ ଦେଇଛନ୍ତି । ମତ୍ସ୍ୟଜୀବୀମାନଙ୍କୁ ଆଗାମୀ ୩ ଦିନ ଯାଏ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।

*****